ଭାରତ ର ରାଜପତ୍ର
सत्यमेव जयते
CG-DL-E-27092020-222039

ଅସାଧାରଣ

ଭାଗ -୨, ଅଂଶ-୧

ଅଧିକାରୀକ ପ୍ରକାଶନ

ସଂ-୪୬ ] ନିଉଦିଲ୍ଲୀ, ରବିବାର, ସେପ୍ଟେମ୍ବର ୨୭, ୨୦୨୦/ଆଶ୍ୱିନ ୫,୧୯୪୨ (ଶକ)

ଏହି ଭାଗକୁ ପୃଥକ୍ ପୃଷ୍ଠା ସଂଖ୍ୟାରେ ଚିହ୍ନିତ ଯେ କି ଏହାକୁ ଏକ ପୃଥକ୍ ସଂକଳନ ପ୍ରକାରରେ ରଖାଯାଇ ପାରିବ ।

## ବିଧି ଓ ନ୍ୟାୟିକ ମନ୍ତ୍ରାଳୟ

(ବିଧିପ୍ରଣୟନ ବିଭାଗ)

ନିଉଦିଲ୍ଲୀ, ୨୭ ସେପ୍ଟେମ୍ବର ୨୦୨୦/ ଆଶ୍ୱିନ ୫, ୧୯୪୨ (ଶକ)

ଭାରତର ମହାମହିମ ରାଷ୍ଟ୍ରପତିଙ୍କ ସହମତି ପରେ ତା ୨୪ ସେପ୍ଟେମ୍ବରରେ ପାର୍ଲିଆମେଣ୍ଟରେ ଆଇନ ରୂପେ ଏବଂ ସର୍ବସାଧାରଣ ସୂଚନା ନିମନ୍ତେ ଏତଦ୍ଦ୍ୱାରା ପ୍ରକାଶ କରାଗଲା ।

# କୃଷକର ଉତ୍ପାଦର ବ୍ୟବସାୟ ଓ ବାଣିଜ୍ୟ (ଉନ୍ନତିକରଣ ଏବଂ ସହଯୋଗୀ କରଣ) ଆଇନ, ୨୦୨୦

## ସଂଖ୍ୟା -୨୧,୨୦୨୦ମସିହାରେ

[୨୪ ସେପ୍ଟେମ୍ବର, ୨୦୨୦]

*ଏହି* ଆଇନ ସମନ୍ୱୟ ପ୍ରଣାଳୀ ସୃଷ୍ଟି ଉଦ୍ଦେଶ୍ୟରେ ପ୍ରଣୋଦିତ ଯାହାକି କୃଷକ ଏବଂ କୃଷି ବ୍ୟବସାୟୀ ମାନଙ୍କ ମଧ୍ୟରେ କୃଷକଙ୍କର ଉତ୍ପାଦିତ ସାମଗ୍ରୀକୁ ସ୍ୱାଧୀନଭାବରେ କ୍ରୟ ଏବଂ ବିକ୍ରୟ ପ୍ରଣାଳୀର ସ୍ୱାଧୀନ ଭାବରେ କରି ପାରିବେ ଯାହାକି ବିକଳ୍ପ ବ୍ୟବସାୟ ମାଧ୍ୟମରେ ଲାଭଜନକ ମୂଲ୍ୟ ଯୁକ୍ତ, ଦକ୍ଷ, ସ୍ୱଚ୍ଛ ଏବଂ ବାଧାମୁକ୍ତ ବାସ୍ତବ ବିପଣନ ବ୍ୟତୀତ, ରାଜ୍ୟ ମଧ୍ୟରେ ଏବଂ ରାଜ୍ୟ ଓ ରାଜ୍ୟ ମଧ୍ୟରେ କୃଷିଜାତ ଦ୍ରବ୍ୟର ପ୍ରୋତ୍ସାହିତ କଟକଣାମୁକ୍ତ ବାଣିଜ୍ୟିକ ଯୋଗସୂତ୍ର କରିବ କିମ୍ବା ଆଇନନାନୁଯାୟୀ ରାଜ୍ୟ କୃଷି ବିପଣନ କେନ୍ଦ୍ର ମଧ୍ୟରେ ନିତିଗତ ନିର୍ଦ୍ଧିଷ୍ଟ ବିପଣନ କେନ୍ଦ୍ର, ଏକ ସହଯୋଗୀ ଧାରାନ୍ୱୟିତ ବୈଦ୍ୟୁତିକ ବାଣିଜ୍ୟ ଏବଂ ତତ ସଂଲଗ୍ନିତ ଓ ସଂଶ୍ଲିଷ୍ଟ ବଜାର କାର୍ଯ୍ୟକ୍ରମ ।

୭୫ ତମ ବର୍ଷରେ ଭାରତର ସାଧାରଣ ତନ୍ତ୍ରର ସଂସଦ ଦ୍ୱାରା ପ୍ରଣିତ ଆଇନ ନିମ୍ନ ମତେ ଅଟେ :-

## ବିଭାଗ-୧

## ଆରମ୍ଭ - ସଂକ୍ଷିପ୍ତ ନାମାନଙ୍କ ଏବଂ ଆରମ୍ଭ

୧. (୧) ଏହି ଆଇନ କୃଷକଙ୍କ ଉତ୍ପାଦର ବ୍ୟବସାୟ ଏବଂ ବାଣିଜ୍ୟକରଣ (ଉନ୍ନତି କରଣ ଏବଂ ସହଯୋଗ) ୨୦୨୦ କୁହାଯାଇ ପାରିବ ।

(୨) ଏହା ୫ ଜୁନ୍ ୨୦୨୦ ରୁ କାର୍ଯ୍ୟକାରୀ ହେବ ।

୨. ଏହି ଆଇନରେ, ସନ୍ଦର୍ଭ ଅନ୍ୟ ନ ଥାଇ – (ସଂଜ୍ଞା)

**a)** 'କୃଷକର ଉତ୍ପାଦିତ ଦ୍ରବ୍ୟ' ଅର୍ଥ –

**(i)** ଖାଦ୍ୟ ପଦାର୍ଥ ସଂଶ୍ଳିଷ୍ଟ ଶସ୍ୟ ସମ୍ବନ୍ଧୀୟ ଯଥା ଗହମ, ଚାଉଳ କିମ୍ବା ଅନ୍ୟ ଅଶୋଧିତ ଶସ୍ୟ, ଡାଲିଜାତୀୟ ଶସ୍ୟ, ଖାଇବା ତୈଳବୀଜ ଶସ୍ୟ, ତୈଳଜାତୀୟ ଶସ୍ୟ, ପନିପରିବା, ଫଳ, କୋଳିଜାତୀୟ ଫସଲ, ପୃଷ୍ଟିଯୁକ୍ତ ଶସ୍ୟ, ଆଖୁ ଏବଂ କୁକ୍‌ଟ, ଘୁଷୁରି, ଛେଳି, ମାଛ ଏବଂ ଦୁଗ୍‌ଦଜାତ ଦ୍ରବ୍ୟ ଯାହାକି ମାନବର ଖାଦ୍ୟ ଓ ବ୍ୟବହାର ଉପଯୋଗୀ ଏହାର ପ୍ରାକୃତିକ ଏବଂ ଏହାର ପ୍ରକ୍ରିୟାକରଣ ଜନିତ ଦ୍ରବ୍ୟ ।

**(ii)** ଗୋ ଖାଦ୍ୟ, ପିଡିଆ ଏବଂ ଅନ୍ୟ ସଂଶ୍ଳିଷ୍ଟ ଏବଂ

**(iii)** ଅଶୋଧିତ ତୁଳା, ମଂଜି ବା ମଞ୍ଜି ବିହନ ବା

**(iv)** ମଞ୍ଜିଯୁକ୍ତ, ତୁଳା ବିହନ ବା ମଞ୍ଜି ଏବଂ ଅଶୋଧିତ ଝୋଟ,

**b)** "ଯାନ୍ତ୍ରୀକ ବାଣିଜିକରଣ ଏବଂ କ୍ରୟ ବିକ୍ରୟର ବଜାରୀକରଣ" ଅର୍ଥ ଏକ ସ୍ଥାନିତ ଚଟାଣ ଯାହା ସିଧା ଏବଂ କମ୍ପ୍ୟୁଟରୀକରଣ ଜରିଆରେ କିଣାବିକା କାର୍ଯ୍ୟରସମାପନ ବା ସହଯୋଗ କରଣ ଯାହା ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ମାଧମରେ କୃଷକଙ୍କ ଉତ୍ପାଦିତ ସାମଗ୍ରୀକୁ ନେଟ୍‌ୱାର୍କ ଏବଂ ଯାନ୍ତ୍ରୀକ ପଦ୍ଧତି ପ୍ରୟୋଗ ଦ୍ୱାରା ଏପରି କ୍ରୟ କୃଷି ଉତ୍ପାଦିତ ସାମଗ୍ରୀର ବାସ୍ତବିକ କ୍ରୟବିକ୍ରୟଦ୍ୱାରା ହସ୍ତାନ୍ତରିକରଣ ଫଳପ୍ରସୁ ହୋଇ ପାରିବ ।

**c)** 'କୃଷକ' ଅର୍ଥ ଜଣେ ବ୍ୟକ୍ତି ଯେ କୃଷିଉତ୍ପାଦ ସାମଗ୍ରୀର ଉତ୍ପାଦନରେ ନିଜେ କିମ୍ବା ଦିନ ମଜୁରୀଆ ଶ୍ରମିକ ଭାବରେ କିମ୍ବା ତଦ୍‌ଭିନ୍ନ ଏବଂ କୃଷି ଉତ୍ପାଦନ ସଂସ୍ଥା ସହ ସଂଶ୍ଳିଷ୍ଟ ଓ ଜଡିତ

**d)** "କୃଷକ ଉତ୍ପାଦକ ସଂସ୍ଥା" ଅର୍ଥ ଏକ କୃଷକ ସଂଘ କିମ୍ବା ଶ୍ରମିକ ଶ୍ରେଣୀ, (ଯେକି କୃଷିକ୍ଷେତ୍ରରେ କାର୍ଯ୍ୟରତ) ଏବଂ ଯେଉଁ ନାମ ଦ୍ୱାରା କୁହାଯାଇ ପାରେ:-

i). ପ୍ରଚଳିତ ବିଧିଅନୁଯାୟୀ ଯାହା ପଞ୍ଜିକୃତ କିମ୍ବା

ii). କେନ୍ଦ୍ର କିମ୍ବା ରାଜ୍ୟସରକାରଙ୍କ ଦ୍ୱାରା ପ୍ରାୟୋଜିତ ବ୍ୟବସ୍ଥା ବା କାର୍ଯ୍ୟାବଳୀ ଅନୁଯାୟୀ ପ୍ରୋତ୍ସାହିତ ହେଉଥିବା ସଂସ୍ଥା

**e)** 'ଆନ୍ତରାଜ୍ୟରେ ବାଣିଜ୍ୟ ' ଅର୍ଥ କୃଷିଉତ୍ପାଦିତ ଦ୍ରବ୍ୟର କ୍ରୟ ଓ ବିକ୍ରୟ ପ୍ରକ୍ରିୟା, ଯାହାକି ଏକ ବ୍ୟବସାୟୀ ଏକ ରାଜ୍ୟର କୃଷି ଉତ୍ପାଦିତ ସାମଗ୍ରୀର ଅନ୍ୟ ଯେ କୌଣସି ରାଜ୍ୟର କୃଷି ଉତ୍ପାଦିତ ସାମଗ୍ରୀକୁ କିଣି ପାରିବ ଏବଂ ସେହି ରାଜ୍ୟର କୃଷି ଉତ୍ପାଦିତ ସାମଗ୍ରୀକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିପାରିବ କିମ୍ବା ଯେଉଁ ରାଜ୍ୟରୁ ଉକ୍ତ ପଦାର୍ଥ ବା ଦ୍ରବ୍ୟ ସୃଷ୍ଟି ହୋଇଥିଲା ; ତାହାର କ୍ରୟବିକ୍ରୟ ଜନିତ କାରବାର ।

**f)** 'ରାଜ୍ୟ ନିଜ ରାଜ୍ୟ ମଧରେ ବାଣିଜ୍ୟ' ଅର୍ଥ କୃଷିଜାତ ପଦାର୍ଥର କିଣାବିକା ପ୍ରକ୍ରିୟା ଯେଉଁଥିରେ କି ଏକ ରାଜ୍ୟର ବ୍ୟବସାୟୀ ନିଜ ରାଜ୍ୟର କୃଷକ କିମ୍ବା ବ୍ୟବସାୟୀଠାରୁ କ୍ରୟ କରି ପାରିବ ଯେଉଁଠିକି ଉକ୍ତ ଦ୍ରବ୍ୟ ଉତ୍ପାଦିତ ହୋଇଥିଲା ।

**g)** 'ବିଜ୍ଞାପନ' ଅର୍ଥ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ କାର୍ଯ୍ୟାଳୟ ଅଧିସୂଚନା ଦ୍ୱାରା ନିର୍ଦ୍ଦିଷ୍ଟ ଏବଂ ପ୍ରକାଶନ ଯାହା :-

**h)** "ବ୍ୟକ୍ତି " ଅର୍ଥାତ –

**(କ)** ଏକ ବ୍ୟକ୍ତି ବିଶେଷ

**(ଖ)** ଏକ ଯୌଥ ଉଦ୍ୟୋଗ,

**(ଗ)** ଏକ କମ୍ପାନୀ

**(ଘ)** ଏକ ସୀମିତ ଧାରକ ଉଦ୍ୟୋଗ

**(ଙ)** ଏକ ସମବାୟ ସମିତି

**(ଚ)** ଏକ ସମିତି କିମ୍ବା

**(ଛ)** କୌଣସି ସଂଘ କିମ୍ବା ବ୍ୟକ୍ତି ବିଶେଷ ଦ୍ୱାରା ମିଶ୍ରିତ କିମ୍ବା ସ୍ୱୀକୃତିପ୍ରାପ୍ତ ଦଳ ଯାହାକି କେନ୍ଦ୍ର କିମ୍ବା ରଜ୍ୟ ସରକାର ଦ୍ୱାରା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସୀକୃତିପ୍ରାପ୍ତ ଓ କାର୍ଯ୍ୟରତ ।

**i)** "ନିର୍ଦ୍ଦିଷ୍ଟ" ଅର୍ଥ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଧି ବିହୀତ ଆଇନ;

**j)** "ନିର୍ଦ୍ଦିଷ୍ଟ କୃଷି ଉତ୍ପାଦ" ଅର୍ଥ କୃଷି ଉତ୍ପାଦ ସାମଗ୍ରୀ ଯାହାକି ରାଜ୍ୟ କୃଷିଉତ୍ପାଦନ ବିପଣନ ସମିତି ନିୟମାନୁଯାୟୀ ନିର୍ଦ୍ଦିଷ୍ଟ ଓ ସୂଚିତ

**k)** "ରାଜ୍ୟ" କେନ୍ଦ୍ରଶାସିତ ରାଜ୍ୟ ମଧ ଅନ୍ତର୍ଭୁକ୍ତ ।

**l)** "ରାଜ୍ୟ କୃଷି ଉତ୍ପାଦ ବିପଣନ ସମିତି ନିୟମ" ଅର୍ଥ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଂଚଳ ମଧରେ ପ୍ରଚଳିତ ବିଧିବ୍ୟବସ୍ଥା, ଯାହାର ବିପଣନ ଉକ୍ତ କୃଷି ଉତ୍ପାଦିତ ସାମଗ୍ରୀକୁ ସେହି ରାଜ୍ୟ ମଧରେ ନିୟନ୍ତ୍ରଣ କରେ ;

**m)** "ବାଣିଜ୍ୟିକ ସୀମା" ଅର୍ଥ କୌଣସି ଅଂଚଳ କିମ୍ବା ସୀମା, ଉତ୍ପାଦନ ସ୍ଥାନ, ସଂଗ୍ରହଣ ଏବଂ ଏକତ୍ରୀକରଣ ସମ୍ବନ୍ଧିତ :-

**(କ)** ଫାର୍ମ ପଥ;

**(ଖ)** କାରଖାନା ପରିସର

**(ଗ)** ସଂଗୃହୀତ ଗୃହ

**(ଘ)** ଶୁଷ୍କ ପଶୁ ଖାଦ୍ୟର ଖଣି ବା ଭଣ୍ଡାର

**(ଙ)** ଶିତଳ ଭଣ୍ଡାର କିମ୍ବା

**(ଚ)** ଅନ୍ୟ କୌଣସି ଗୃହ କିମ୍ବା ସ୍ଥାନ,

ଯେଉଁଠାରୁ କୃଷିଜାତ ପଦାର୍ଥର ବାଣିଜ୍ୟ ଭାରତ ମଧ୍ୟରେ କ୍ରିୟାନ୍ୱୟନ କରାଯାଇପାରେ କିନ୍ତୁ ଘର, ବେଷ୍ଟିତ ସ୍ଥାନ ଏବଂ ଗଢ଼ଣ ସନ୍ନିବେଶିତ କରେ ନାହିଁ ଯାହାକି

**(i).** ପ୍ରଧାନ ବାଣିଜ୍ୟିକ ସ୍ଥଳର ନିର୍ଦ୍ଧିଷ୍ଟ ପରିସୀମା ଉପ ପ୍ରଧାନ ବାଣିଜ୍ୟିକ ସ୍ଥଳ ଏବଂ ବାଣିଜ୍ୟିକ ଉପସ୍ଥଳ ଏବଂ ରାଜ୍ୟ କର୍ତ୍ତୃତ୍ୱାଧୀନ ଗଠିତ କୃଷି ବିପଣନ ପଦାର୍ଥ ବିକ୍ରୟ ସମିତି ଯାହା ସଂପୃକ୍ତ ରାଜ୍ୟ ସରାକାରଙ୍କ ନିୟମାନୁଯାୟୀ ଗଠିତ ଓ ପରିଚାଳିତ ଏବଂ ଭାରତରେ ଅବସ୍ଥିତ

**(ii).** ଘରୋଇ ବିପଣନ ସ୍ଥଳ, ଘରୋଇ ବିପଣନ ଉପସ୍ଥଳ, ପ୍ରତ୍ୟକ୍ଷ ବିପଣନ ସଂଗ୍ରହ କେନ୍ଦ୍ର ଏବଂ ଘରୋଇ ଉପଭୋକ୍ତା ବିପଣନ କେନ୍ଦ୍ରସ୍ଥଳ କୌଣସି ରାଜକୀୟ ଅନୁମତି ଧାରୀ ବ୍ୟକ୍ତି ବିଶେଷ ଦ୍ୱାରା ପରିଚାଳନାଧୀନ କିମ୍ବା ଭାରତ ମଧ୍ୟରେ ପ୍ରଚଳିତ ପ୍ରତ୍ୟେକ ରାଜ୍ୟ କୃଷି ଉତ୍ପାଦନ ବିପଣନ ବିଧି ନିୟମାଧୀନ କୌଣସି ସଂଗ୍ରହଗୃହ, ଶୁଷ୍କ ପଶୁ ଖାଦ୍ୟର ଖଣି ବା ଭଣ୍ଡାର, ଶୀତଳ ଭଣ୍ଡାର କିମ୍ବା କୌଣସି ସୂଚୀତ ବିଜ୍ଞାପିତ ଅନୁଯାୟୀ ବିପଣନ କିମ୍ବା ବିପଣନ ଯୋଗ୍ୟ ବିବେଚିତ ;

**n)** "ବ୍ୟବସାୟୀ" ଅର୍ଥାତ କୌଣସି ବ୍ୟକ୍ତି ଯେ କି କୃଷିଜାତ ପଦାର୍ଥ ରାଜ୍ୟ – ରାଜ୍ୟ ମଧ୍ୟରେ କିମ୍ବା ରାଜ୍ୟ ମଧ୍ୟରେ କିଣା ବିକା, ନିଜ ପକ୍ଷରେ କିମ୍ବା ଅନ୍ୟ ଜଣେ କିମ୍ବା ଅଧିକ ବ୍ୟକ୍ତି ମଧ୍ୟରେ ପାଇକାରୀ ବେପାର ଉଦ୍ଦେଶ୍ୟରେ ବାଣିଜ୍ୟକ ଖୁଚୁରା, ମୂଳ ବ୍ୟବହାର, ମୂଲ୍ୟଯୁକ୍ତ, ପଦ୍ଧତିଯୁକ୍ତ, ଉତ୍ପାଦନ, ରପ୍ତାନି, ବ୍ୟବହାର କିମ୍ବା ସେହିପରି ଅନ୍ୟ ପ୍ରକାରରେ କାର୍ଯ୍ୟରତ ।

## ବିଭାଗ – ୨

## କୃଷିଜାତ ପଦାର୍ଥ ବ୍ୟବସାୟ ଏବଂ ବାଣିଜ୍ୟ ଉପଯୋଗୀ ସହାୟତା ଓ ସରଳୀକରଣ

ଏକ ବାଣିଜିକ ସୀମା ମଧରେ ବ୍ୟବସାୟ ଏବଂ ବାଣିଜ୍ୟ ପ୍ରକରଣ ।

**୩.** ଏହି ଆଇନର ବ୍ୟବସ୍ଥା ଅନୁଯାୟୀ କୌଣସି କୃଷକ କିମ୍ବା ବ୍ୟବସାୟୀ କିମ୍ବା ବୈଦ୍ୟୁତିକ ଯୁକ୍ତ ବ୍ୟବସାୟ ମାଧମରେ ରାଜ୍ୟ- ରାଜ୍ୟ କିମ୍ବା ଆନ୍ତଃରାଜ୍ୟ ମଧରେ କୃଷିଜାତ ପଦାର୍ଥର ସ୍ୱାଧୀନ ଭାବରେ ବ୍ୟବସାୟ କରିପାରିବ ।

ସ୍ଥିରୀକୃତ କୃଷି ଉତ୍ପାଦିତ ସାମଗ୍ରୀରୁ ବ୍ୟବସାୟ ଏବଂ ବାଣିଜ୍ୟ

**୪.** **(୧)** ବାଣିଜ୍ୟ ସୀମା ମଧରେ କେହି ବ୍ୟବସାୟୀ ସ୍ଥିରିକୃତ ଓ ସୂଚୀତ କୃଷିସାମଗ୍ରୀ ରାଜ୍ୟ – ରାଜ୍ୟ ଏବଂ ରାଜ୍ୟ ମଧରେ ବାଣିଜ୍ୟ ପାଇଁ ଏକ କୃଷକ କିମ୍ବା ଅନ୍ୟ ବ୍ୟବସାୟୀଙ୍କୁ ନିୟୋଜିତ କରିପାରିବେ ;

କେନ୍ଦ୍ର ସରକାରଙ୍କ ଅଧିସୂଚନା ଅନୁଯାୟୀ କେବଳ କୃଷକ ଉତ୍ପାଦକ ସଂସ୍ଥା କିମ୍ବା କୃଷି ସମବାୟ ସମିତି ବ୍ୟତିରକେ କୌଣସି ବ୍ୟବସାୟୀ ସ୍ଥିରୀକୃତ କୃଷି ଉତ୍ପାଦିତ ସାମଗ୍ରୀର ବ୍ୟବସାୟ କରିବେ ଏବଂ ସେ ବ୍ୟବସାୟୀ ଏକ ସ୍ଥାୟୀ ଆୟକର ନମ୍ବର ଆୟକର ଆଇନ ୧୯୬୧ କିମ୍ବାତତୁଲ୍ୟ ଅନ୍ୟ ଆବଶ୍ୟକୀୟ ବିବରଣୀ ପ୍ରଦାନ ନକରିବେ ।

**(୨)** କେନ୍ଦ୍ର ସରକାର, ଯଦି ଏହା ନିଷ୍ପତ୍ତି କରନ୍ତି ଯେ ଲୋକହିତ ସର୍ବ ସାଧାରଣ ସ୍ୱାର୍ଥ ନିମିତ୍ତ ଜଣେ ବ୍ୟବସାୟୀ ପାଇଁ ଯାନ୍ତ୍ରୀକ ପଞ୍ଜିକରଣ ବ୍ୟବସ୍ଥା ସ୍ଥିର କରିବେ ବ୍ୟବସାୟ ନେଣ ଦେଣ ଏବଂ ପ୍ରାପ୍ୟରୁ ଏକ ବ୍ୟବସାୟ ସୀମା ମଧରେ କୃଷିଜାତ ସାମଗ୍ରୀର

**(୩)** ପ୍ରତ୍ୟେକ ବ୍ୟବସାୟୀ ଯିଏ କୃଷକର ସ୍ଥିରୀକୃତ କୃଷିଜାତ ପଦାର୍ଥର ବାଣିଜ୍ୟ ସହ ସଂଶ୍ଳିଷ୍ଟ ସେ କୃଷକଙ୍କୁ ସେହିଦିନ କିମ୍ବା କୌଣସି ବ୍ୟବସ୍ଥାଗତ ତୃଟି ଯୋଗୁ ୩ ଦିନ ମଧରେ ପ୍ରାପ୍ୟ ପ୍ରଦାନ ସୁନିଶ୍ଚିତ କରିବେ ଏବଂ ଏହି କାରଣ ହେତୁ କୃଷକଙ୍କୁ ପ୍ରାପ୍ୟ ରସିଦ ସେହି ଦିନ ହିଁ ଦେବେ ।

ଯାନ୍ତ୍ରୀକ ବ୍ୟବସାୟ ଏବଂ ନେଣଦେଣ ବ୍ୟବସ୍ଥା

**୫.** **(୧)** କୌଣସି ବ୍ୟକ୍ତି (ନିର୍ଦ୍ଦିଷ୍ଟବ୍ୟକ୍ତି ବିଶେଷ ବ୍ୟତିରେକ) କେନ୍ଦ୍ର ସରକାରଙ୍କ ବିଜ୍ଞାପନ ଅନୁସାରେ ସ୍ଥାୟୀ ହିସାବ ନମ୍ବର ଆୟକର ଆଇନ ଧାରା ୪୩-୧୯୬୧ ମସିହା କିମ୍ବା ଅନ୍ୟ କୌଣସି ସୀକୃତ ତେବେ କାଗଜପତ୍ର ଅଛି, କୌଣସି କୃଷି ଉତ୍ପାଦନ ସଂସ୍ଥା କିମ୍ବା କୃଷି ସମବାୟ ସମିତି କୌଣସି ବାଣିଜ୍ୟ ଇଲାକାରେ ଏକ ବୈଦ୍ୟୁତିକ ଯାନ୍ତ୍ରୀକ ବ୍ୟବସାୟ ଏବଂ ନେଣ ଦେଣ ବ୍ୟବସ୍ଥା ରାଜ୍ୟ – ରାଜ୍ୟ ଏବଂ ରାଜ୍ୟ ମଧରେ ଅଧିସୂଚିତ କୃଷିଜାତ ସାମଗ୍ରୀର ବାଣିଜ୍ୟକରଣ ମାଧମରେ ବିକ୍ରିବଟା ଓ କିଣାବିକା ବ୍ୟବସାୟ କରିପାରିବେ ।

ଯଦି ବ୍ୟକ୍ତି ଯାନ୍ତ୍ରିକ ବୈଦ୍ୟୁତିକ ବ୍ୟବସାୟ ଏବଂ ନେଣଦେଣ ବ୍ୟବସ୍ଥା ସ୍ଥାପନା ଏବଂ କାର୍ଯ୍ୟକାରୀତା ପାଇଁ ସରଳ ବାଣିଜ୍ୟିକ ଅଭ୍ୟାସପାଇଁ ଏକ ନିର୍ଦ୍ଦିଷ୍ଟ ମାର୍ଗଦର୍ଶକ ପ୍ରସ୍ତୁତ କରିବେ ଓ ବ୍ୟବସାୟ ବ୍ୟବସ୍ଥା, ଅର୍ଥ, ଯାନ୍ତ୍ରୀକ ମାନଯୁକ୍ତ ତତ୍‌ସହ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସହ ସଂଯୁକ୍ତ କାର୍ଯ୍ୟକାରୀ, ଢ଼ାଞ୍ଚାଗତ ବ୍ୟବସ୍ଥା, ଉନ୍ନତ ମୂଲ୍ୟାୟନ, ସମୟୋପଯୋଗୀ ପ୍ରାପ୍ୟ ପ୍ରଦାନ, ଆଞ୍ଚଳିକ ଭାଷା ସଂଯୁକ୍ତ

ମାର୍ଗଦର୍ଶିକା ବ୍ୟବସ୍ଥିତ ସ୍ଥାପନ ଏବଂ ଅନ୍ୟ ବିକରଣ ପ୍ରଦାନ କରିବେ ।

**(୨)** ଯଦି କେନ୍ଦ୍ର ସରକାର ଜନସାଧାରଣ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟକାରିତାର ବିଶେଷତ୍ୱ ପାଇଁ ଏକମତ ହୁଅନ୍ତି ଯେ ଏକ ଜରୁରୀ ଯାନ୍ତ୍ରୀକ ବ୍ୟବସାୟ ପ୍ରଣାଳୀ ଆବଶ୍ୟକ ତେବେ , ବିଧି ଦ୍ୱାରା –

**(କ)** ପ୍ରଥା, ପ୍ରଣାଳୀ, ପଞ୍ଜିକରଣର ପ୍ରକାର ଏବଂ ନିର୍ଦ୍ଦେଶବଳୀ ଜାରୀ କରିବେ ଏବଂ

**(ଖ)** ଆଚରଣ ସଂହିତା ନିୟମ, ଯାନ୍ତ୍ରୀକ ମାର୍ଗଦର୍ଶନ ସହ ସଂଯୁକ୍ତ ଅନ୍ୟ ବ୍ୟବସ୍ଥା ସହ ସଂପୃକ୍ତ କାର୍ଯ୍ୟକାରିତା ଏବଂ ବ୍ୟବସାୟୀକ ନେଣଦେଣ ବ୍ୟବସ୍ଥା ସହ ଆନୁସଙ୍ଗିକ ପ୍ରସ୍ତୁତି ଏବଂ ସ୍ଥିରୀକୃତ କୃଷି ଜାତ ପଦାର୍ଥର ମାନକ ନିର୍ଦ୍ଧାରଣ ଏବଂ ଦେୟପ୍ରାପ୍ୟ ପ୍ରଦାନର ପ୍ରକରଣ ନିମିତ୍ତ ନିର୍ଦ୍ଦେଶନାମା ଘୋଷଣା କରିବେ ଯାହା ସ୍ଥିରୀକୃତ କୃଷିଜାତ ପଦାର୍ଥକୁ ରାଜ୍ୟ –ରାଜ୍ୟ ଏବଂ ରାଜ୍ୟ- ମଧ୍ୟରେ ବାଣିଜ୍ୟ ପରିସୀମା ମଧ୍ୟରେ ବ୍ୟବସାୟ ଓ ବାଣିଜ୍ୟ ପଦ୍ଧତିକୁ ସରଳୀ କରଣ କରିବ ।

*୬.* କୌଣସି ରାଜ୍ୟ କୃଷି- ଉତ୍ପାଦନ ବିପଣନ ସମିତି କିମ୍ବା କୌଣସି ଅନ୍ୟ ରାଜ୍ୟ ଆଇନ ସମ୍ମତ କୌଣସି ବିପଣନସଂସ୍ଥା ଶୁଳ୍କ, କିମ୍ବା କର କିମ୍ବା କୌଣସି ଆଦାୟ ଯୋଗ୍ୟ କର ଯାହା ବି ହେଉନା କାହିଁକି, ଏକ ବାଣିଜ୍ୟ ସୀମା ଅନ୍ତର୍ଭୁକ୍ତ ସ୍ଥିରୀକୃତ କୃଷିଜାତ ସାମଗ୍ରୀର ବ୍ୟବସାୟ ଓ ବାଣିଜ୍ୟ ସଂପୃକ୍ତିରେ କୌଣସି କୃଷକ, କିମ୍ବା ବ୍ୟବସାୟୀ କିମ୍ବା ଯାନ୍ତ୍ରୀକ ବ୍ୟବସାୟ ଏବଂ ନେଣ ଦେଣ ପଦ୍ଧତି ଉପରେ ଧାର୍ଯ୍ୟ କରାଯାଇପାରିବ ନାହିଁ ।

ପଣ୍ୟ ଶୁଳ୍କ ରାଜ୍ୟ କୃଷିଉତ୍ପାଦନ ବିପଣନ ସମିତି ଆଇନ ସମ୍ମତ ଏକ ବାଣିଜ୍ୟସୀମା ମଧ୍ୟରେ

**୭.** **(୧)** କେନ୍ଦ୍ର ସରକାର କୌଣସି ଏକ କେନ୍ଦ୍ରୀୟ ସରକାରୀ ସଂସ୍ଥା ମାଧ୍ୟମରେ ଏବଂ କୃଷିଜାତ ପଦାର୍ଥର ମୂଲ୍ୟ ସୂଚନା, ଏବଂ ବିପଣନ ଅନୁସନ୍ଧାନ ବ୍ୟବସ୍ଥା ପ୍ରସ୍ତୁତ କରି ପ୍ରଚଳନ କରିପାରିବେ ଏବଂ ତତ୍ ସଂଯୁକ୍ତ ସୂଚନା ସଂମିଶ୍ରଣର ନମୁନା ମଧ୍ୟ ସୁ ଉପଲବ୍ଧ କରାଇବେ

ମୂଲ୍ୟ ସୂଚନା ଏବଂ ବିପଣନ ଅନୁସନ୍ଧାନ ବ୍ୟବସ୍ଥା

**(୨)** କେନ୍ଦ୍ର ସରକାର କୌଣସି ବ୍ୟକ୍ତି ବା ସଂସ୍ଥାଠାରୁ ବିପଣନ ସମ୍ବନ୍ଧୀୟ କୌଣସି ତଥ୍ୟ ଓ ବିବରଣୀ ଗ୍ରହଣ କରିପାରନ୍ତି । ଏତତ୍ ବ୍ୟତୀତ ଏକ ଯାନ୍ତ୍ରୀକ ବ୍ୟବସାୟ ଏବଂ ନେଣଦେଣ ପ୍ରତିଷ୍ଠିତ ବ୍ୟବସ୍ଥା ସଂପର୍କିତ ସୂଚନା ସେହି ନେଣଦେଣ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ଆହ୍ୱାନ କରି ଗ୍ରହଣ କରିପାରନ୍ତି ।

**ବ୍ୟାଖ୍ୟା –** ଏହି ଅଧ୍ୟାୟ ଅନୁସାରେ, "କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟ" ଅର୍ଥାତ କୌଣସି ଅଧସ୍ତନ କିମ୍ବା ସଂଯୁକ୍ତ କାର୍ଯ୍ୟାଳୟ, ସରକାର କର୍ତ୍ତୃକ କିମ୍ବା ପ୍ରୋତ୍ସାହିତ କମ୍ପାନି କିମ୍ବା ସମିତି ।

## ଅଧ୍ୟାୟ- ୩

## ବିବାଦ ସମାଧାନ

୮. (୧) ଆଇନର ଧାରା ୪ ଅନୁଯାୟୀ ଯଦି କୌଣସି କୃଷକ ଓ ବ୍ୟବସାୟୀ ମଧ୍ୟରେ ବିବାଦ ତାଙ୍କର ବ୍ୟବସାୟୀକ ନେଣଦେଣ ମଧ୍ୟରେ ଉପୁଜେ, ପକ୍ଷ ଏକ ଦରଖାସ୍ତ ମାଧ୍ୟମରେ ଉପଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଦ୍ୱିପାକ୍ଷିକ ଗ୍ରହଣୀୟ ଉପାୟ ସହ ଜଣାଇ ପାରିବେ, ଓ ନିଜ କର୍ତ୍ତୃତ୍ୱରେ ଗଠିତ ବିବାଦ ସମାଧାନ ସଂସ୍ଥାନ ମାଧ୍ୟମରେ ଗ୍ରହଣ କରି ସମାଧାନ କରି ପାରିବେ । କୃଷକର ବିବାଦ ସମାଧାନ ବ୍ୟବସ୍ଥା

(୨) ଉପ ମାଜିଷ୍ଟ୍ରେଟ, କର୍ତ୍ତୃତ୍ୱ ଉପଧାରା-୧ ଅନୁଯାୟୀ ଗଠିତ ପ୍ରତ୍ୟେକ ବିବାଦ ସମାଧାନ ସଂସ୍ଥାନରେ ଜଣେ ଅଧକ୍ଷ ଏବଂ ଅତି କମ୍‌ରେ ଦୁଇଜଣ ଓ ଅତିବେଶିରେ ୪ ଜଣ ସଭ୍ୟଙ୍କୁ ଯାହାଯଥାର୍ଥ, ମନେହେବ ସେମାନଙ୍କୁ ନିଯୁକ୍ତି ଦେବେ ।

(୩) ଅଧକ୍ଷଙ୍କ ନିଯୁକ୍ତି ଏବଂ କାର୍ଯ୍ୟ ପ୍ରଣାଳୀ ଉପଜିଲ୍ଲା ମାଜିଷ୍ଟ୍ରେଟଙ୍କ କର୍ତ୍ତୃତ୍ୱାଧୀନ ହେବ ଯେକି ଜଣେ ଅଧସ୍ତନକର୍ମଚାରୀ ଏବଂ ଅନ୍ୟାନ୍ୟ ସଭ୍ୟ ବିବାଦୀୟ ପକ୍ଷଙ୍କ ସହମତି ଓ ଅନୁମୋଦନ କ୍ରମେ ନିଯୁକ୍ତି ହେବେ ।

ଯଦି କୌଣସି ପକ୍ଷ ୭ ଦିନ ମଧ୍ୟରେ ନିଜର ପ୍ରତିନିଧି ଯୋଗାଇବାରେ ବିଫଳ ହୁଅନ୍ତି, ତେବେ ନିଜେ ଉପଜିଲ୍ଲା ମାଜିଷ୍ଟ୍ରେଟ ଉପଯୁକ୍ତ ପ୍ରତିନିଧି ଚୟନକରି ନିଯୁକ୍ତି ଦେବେ ।

(୪) ଯଦି କୌଣସି ବିବାଦର ସମାଧାନ ଶୁଣାଣୀ ସମୟରେ ଏକ ସର୍ବସମ୍ମତ ନିଷ୍ପତ୍ତି ହୁଏ ଉକ୍ତ ମତେ ବିବାଦର ସମାଧାନ ସମ୍ବନ୍ଧୀୟ ଚୁମ୍ବକ ବିବରଣୀ ଲେଖି ସ୍ୱଦସ୍ତଖତଯୁକ୍ତ ପ୍ରସ୍ତୁତ କରାଯିବ ଯାହାକି ସମସ୍ତ ପକ୍ଷଙ୍କ ଦ୍ୱାରା ନିଶ୍ଚିତ ଗ୍ରହଣ ଯୋଗ୍ୟ ହେବା ଜରୁରୀ ଓ ଆବଶ୍ୟକ ।

(୫) ଉପଧାରା ୧ ଅନୁଯାୟୀ ୩୦ ଦିନ ମଧ୍ୟରେ ଯଦି ନେଣଦେଣ ପକ୍ଷଙ୍କ ମଧ୍ୟରେ ବିବାଦର ସମାଧାନର ଅନ୍ତ ହୋଇପାରେନାହିଁ ତାହାହେଲେ, ସେମାନେ ସଂପୃକ୍ତ ଉପଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଯେକି ଉପଖଣ୍ଡୀୟ ପ୍ରାଧିକୃତ ଅଧିକାରୀ ବିବାଦର ସମାଧାନ ପାଇଁ ଜଣାଇ ପାରିବେ ।

(୬) ଅଧିକାରୀ ଉପଖଣ୍ଡୀୟ ପ୍ରାଧିକୃତେ ଅଧିକାରୀ, ସ୍ୱ ଇଚ୍ଛାରେ ନିଜ ଆଡୁ କିମ୍ବା ଏକ ଆବେଦନ ଯୋଗେ କିମ୍ବା କୌଣସି ସରକାରୀ ସଂସ୍ଥାର ସୁପାରିଶ ଆବେଦନକୁ ଗ୍ରହଣ କରି ଧାରା ୪ ଓ ଆବଶ୍ୟକୀୟ ଅଧିନିୟମ ଅନୁଯାୟୀ କୌଣସି ଅସାମଞ୍ଜସ୍ୟକୁ କାର୍ଯ୍ୟାନ୍ୱୟନ ନିମିତ୍ତ ଧାରା ୭ ଅନୁଯାୟୀ କାର୍ଯ୍ୟକାରୀ କରିପାରିବେ ।

(୭) ଉପଖଣ୍ଡସ୍ତରୀୟ ପ୍ରାଧିକୃତ ଅଧିକାରୀ ବିବାଦର ସମାଧାନ କରିବେ କିମ୍ବା ଏହି ଧାରା ଅନୁସାରେ ଅନିୟମତାକୁ ବିବାଦ ଦାଖଲର ୩୦

ଦିନ ମଧ୍ୟରେ ଅନ୍ୟ ପକ୍ଷମାନଙ୍କୁ ଉପଯୁକ୍ତସମୟ ଓ ସୁଯୋଗଦେଇ ଏବଂ ଆବଶ୍ୟକୀୟ ଶୁଣାଣି କରି, ସେ ସମ୍ବନ୍ଧେ

**(କ)** ଆଦାୟଯୋଗ୍ୟ ଅର୍ଥ ରାଶିର ଉଦ୍ଧାର ପାଇଁ ଯଥାର୍ଥ ଆଦେଶ ଦେଇ ପାରିବେ, କିମ୍ବା

**(ଖ)** ଧାରା ୧୧ ଉପଧାରା ୧ ଅନୁଯାୟୀ ଜୋରିମାନା ନିମିତ୍ତ ଆଦେଶ ଦେଇ ପାରିବେ , କିମ୍ବା

**(ଗ)** ସ୍ଥିରୀକୃତ ଓ ବିଜ୍ଞାପିତ କୃଷିଜାତ ପଦାର୍ଥର ବିପଣନ ବ୍ୟବସାୟ ଓ ବାଣିଜ୍ୟ ଜନିତ ବାଦ ବିବାଦ ପାଇଁ ବ୍ୟବସାୟୀଙ୍କୁ ଏହି ଆଇନ ଆଧାର ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବଂଚିତକରି ଯଥାଯୋଗ୍ୟ ବୋଲି ଆଦେଶ ଦ୍ୱାରା ନିର୍ଦ୍ଧାରଣ କରିପାରିବେ ।

**(୮)** ଉପଖଣ୍ଡିୟ ଅଧିକାରୀଙ୍କ ଆଦେଶ ବିରୁଦ୍ଧରେ ଯେକୌଣସି ପକ୍ଷ ୩୦ ଦିନ ମଧ୍ୟରେ ଅପିଲ ଅଧିକାରୀ (ଜିଲ୍ଲାପାଳ କିମ୍ବା ତାଙ୍କଦ୍ୱାରା ମନୋନୀତ ଅତିରିକ୍ତ ଜିଲ୍ଲାପାଳ)ଙ୍କ ନିକଟରେ ଅପିଲ ବା ଆପତ୍ତି ଉପସ୍ଥାପନା କରିପାରିବେ ଏବଂ ୩୦ ଦିନ ମଧ୍ୟରେ ଅପିଲ ଅଧିକାରୀ ଉକ୍ତ ସମ୍ବନ୍ଧେ ନିଷ୍ପତ୍ତି ନେବେ ।

**(୯)** ଉପଖଣ୍ଡସ୍ତରୀୟ ପ୍ରାଧିକୃତ ଅଧିକାରୀ ବା ଅପିଲେଟ ଅଧିକାରୀ ଆଦେଶ ଦେଓ୍ୱାନି ଅଦାଲତର ମାନ୍ୟତା ଲାଭକରବ ଓ ଉକ୍ତ ଆଦେଶନାମାରେ ଲିଖିତ ଓ ଚିହ୍ନିତ ଅର୍ଥ ଡିକ୍ରି ଅମଳ ଜରିଆରେ ଆଦାୟଯୋଗ୍ୟ ହେବ । ଏହି ଆଦେଶନାମା (ଡିକ୍ରୀ) ବକେୟା ଭୂରାଜସ୍ୱ ଆଦାୟ ପ୍ରକାରେ ଆଦାୟ କରାଯାଇ ଅମଳ କରାଯିବ ।

**(୧୦)** ଉପଖଣ୍ଡସ୍ତରୀୟ ଅଧିକାରୀ ବା ଅପିଲେଟ୍ ଅଧିକାରୀଙ୍କ ନିକଟରେ ଦରଖାସ୍ତ ଓ ଆବେଦନର ପ୍ରକାର ଓ ପ୍ରଣାଳୀ ସମ୍ବନ୍ଧେ ବିସ୍ତାରିତ ଭାବେ ସୂଚିତ କରାଯିବ ।

ଯାନ୍ତ୍ରୀକ ବାଣିଜ୍ୟ ଏବଂ କାରବାର ବ୍ୟବସ୍ଥା ଚଳନ ଅଧିକାରର ସୂଚନା ଓ ରଦ୍ଧକରଣ

**(୯) (୧)** କୃଷିବିପଣନ ଉପଦେଷ୍ଟା, ବିପଣନ ଓ ଅନୁସଂନ୍ଧାନ ନିର୍ଦ୍ଦେଶାଳୟ, ଭାରତସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ଅଧିକାରୀ ଯାହାକି ରାଜ୍ୟ ସରକାରଙ୍କ ବୁଝାମଣା ଭିତ୍ତିରେ ଜଣେ ରାଜ୍ୟ ସରକାରୀ ଅଧିକାରୀ ଧାରା- ୫ ଅନୁଯାୟୀ କିମ୍ବା ଧାରା-୭ବ୍ୟବସ୍ଥା ଯାହା ବ୍ୟବସ୍ଥା ଗତ ତ୍ରୁଟି, ନିୟମ, ପଂଜୀକରଣର ପ୍ରକାର ଏବଂ ଆଇନଗତ ଆଚରଣ କିମ୍ବା ଯାନ୍ତ୍ରୀକ ବିପଣନ ବ୍ୟବସାୟ ଏବଂ ନେଣଦେଣ କାରବାର ସ୍ୱଚ୍ଛତା ଓ ବ୍ୟବସାୟିକ ବ୍ୟବସ୍ଥା ଅନୁଯାୟୀ ସ୍ଥାପିତ ମାର୍ଗଦର୍ଶିକା ଭିନ୍ନ ଅନ୍ୟକୌଣସି ଅନିୟମିତା ଦର୍ଶିତ ଆଧାରରେ ନିଜ ଆଡୁ, କିମ୍ବା କୌଣସି ଦରଖାସ୍ତକାରୀ କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟ ନିର୍ଦ୍ଦେଶ ଭିତ୍ତିରେ ଉକ୍ତ ଅଧିକାରୀ ଯେ କୌଣସି ଦରଖାସ୍ତ ଓ ଆପତ୍ତି ଗ୍ରହଣ କରିବେ । ଦରଖାସ୍ତ ପ୍ରାପ୍ତିର ୬୦ ଦିନ ମଧ୍ୟରେ କାରଣ ଦର୍ଶାଇ ଏକ ଆଦେଶ ବଳରେ ସେ –

**(କ)** କୃଷକ କିମ୍ବା ବ୍ୟବସାୟୀ ପ୍ରାପ୍ୟ ତୁଲ୍ୟ ରାଶିର ମୂଲ୍ୟ ପୁନଃରୁଦ୍ଧାର ଉଦ୍ଦେଶ୍ୟରେ ଆଦେଶ ଦେଇ ପାରିବେ;

**(ଖ)** ଧାରା ୧୧, ଉପଧାରା ୨ ଅନୁଯାୟୀ ଜୋରିମାନା ଜନିତ ଆଦେଶ ଦେଇ ପାରିବେ କିମ୍ବା,

**(ଗ)** ଯାନ୍ତ୍ରୀକ ବିପଣନ ବ୍ୟବସାୟ ଏବଂ ନେଣଦେଣ କାରବାର ଅଧିକାରକୁ ଯାହା ଯଥାର୍ଥ ଭାବିବେ ସେହି ସମୟ ପର୍ଯ୍ୟନ୍ତ ସ୍ଥଗିତ କିମ୍ବା ରଦ୍ଦ କରି ପାରିବେ ।

ଯାହାକି ସେହି ଯାନ୍ତ୍ରୀକ ବିପଣନ ବ୍ୟବସାୟ ଏବଂ ନେଣଦେଣ କାରବାର ସଂଶ୍ଳିଷ୍ଟ ପରିଚାଳକଙ୍କୁ ଏକ ଶୁଣାଣିର ସୁଯୋଗ ନ ଦେଇ ମୂଲ୍ୟ ପୁନଃରୁଦ୍ଧାର, ଜୋରିମାନା ଆଦାୟ ଓ ପରିଚାଳନାର ଅଧିକାରରୁ ବଞ୍ଚିତ କରିବାର କୌଣସି ଆଦେଶ ଦେଇ ପାରିବେ ନାହିଁ ।

**(୨)** ଉପଧାରା ୧ ଅର୍ନ୍ତଭୁକ୍ତ ପ୍ରତ୍ୟେକ ଆଦେଶ ଦେୱାନୀ କୋର୍ଟର ଏକରାରନାମା (ଡିକ୍ରୀ)ର ସମତୁଲ୍ୟ ଆଦେଶଭାବେ ବିବେଚିତ ହେବ ଏବଂ ଏହାର କାର୍ଯ୍ୟକାରିତା ସେହି ପ୍ରକାରରେ କରାଯିବ ଏବଂ ଏକରାରନାମା (ଡିକ୍ରୀ) ଦ୍ୱାରା ନିର୍ଦ୍ଧାରିତ ରାଶି ଓ ବାକିଆ ରାଜସ୍ୱ ପାଉଣା ଭାବରେ ବିଧି ଅନୁଯାୟୀ ଆଦାୟ ଯୋଗ୍ୟ ହେବ ।

ପରିଚାଳନାଗତ ଅଧିକାରର ରଦ୍ଦକରଣ ବିରୁଦ୍ଧରେ ଆପତ୍ତି

**(୧୦) (୧)** ଧାରା ୯ ଅର୍ନ୍ତଗତ ଆଦେଶ ବିରୁଦ୍ଧରେ କୌଣସି ପକ୍ଷ ୬୦ ଦିନ ଅବଧି ମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନିତ ଓ ଅଧିକାର ପ୍ରାପ୍ତ ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀଙ୍କ ପାଖରେ ଆପତ୍ତି ଦରଖାସ୍ତ ଏହି କାରଣରୁ ଦାଖଲ କରିପାରିବେ ।

ଯେ କି ଆପତ୍ତି କର୍ତ୍ତା ଆପତ୍ତି ଅଧିକାରୀଙ୍କ ସମ୍ମୁଖରେ ୬୦ ଦିନରୁ ୯୦ ଦିନ ମଧ୍ୟରେ ପ୍ରସ୍ତାବନା କରିଥିବାର ଯଥାର୍ଥତା ପ୍ରତିପାଦନ କରାଇ ସନ୍ତୁଷ୍ଟ କରାଇପାରିଲେ ଏହା ଗ୍ରହଣ ଯୋଗ୍ୟ ହୋଇପାରିବ ।

**(୨)** ଏହି ଧାରା ଅର୍ନ୍ତଭୁକ୍ତ ପ୍ରତ୍ୟେକ ଆପତ୍ତିର ନିର୍ଦ୍ଦିଷ୍ଟ ଆକାର ଓ ପ୍ରକାର ତଥା ରୂପରେଖ ଏବଂ ମୂଳ ଆଦେଶର ଏକ ସହି ନକଲ ଓ ନିର୍ଦ୍ଦିଷ୍ଟ ଦେୟ ସହ ସଂଯୋଗ (ବିଳମ୍ବିତ ଦରଖାସ୍ତ ନିମିତ୍ତ ଉପଯୁକ୍ତ ସନ୍ତୋଷଜନକ କାରଣ ଦର୍ଶାଇ) କରି ପ୍ରତ୍ୟେକ ଆପତ୍ତି ଦରଖାସ୍ତ ପ୍ରସ୍ତୁତ କରି ବିଧି କାର୍ଯ୍ୟାନୁଷ୍ଠାନ ନିମିତ୍ତ ଦାଖଲ ହେବ ।

**(୩)** ଆପତ୍ତି ଦରଖାସ୍ତର ବିଚାର ପ୍ରକରଣ ସ୍ଥିରୀକୃତ ନିର୍ଦ୍ଦେଶ ଅନୁଯାୟୀ କରାଯିବ ।

**(୪)** ଏହି ଧାରା ମୁତାବକ ଦାଖଲ କରାଯିବା ଆପତ୍ତି ଦରଖାସ୍ତ ୯୦ ଦିନ ମଧ୍ୟରେ ଶୁଣାଣି ଏବଂ ନିପଟାର କରାଯିବ ।

ଏହି ଯେ, ଆପତ୍ତି ଦରଖାସ୍ତର ନିପଟାରା ପୂର୍ବରୁ ଆପତ୍ତି କର୍ତ୍ତାଙ୍କୁ ଶୁଣାଣିର ସୁଯୋଗ ଦିଆଯିବା ଆବଶ୍ୟକ ।

## ବିଭାଗ-୪

## <u>ଜୋରିମାନା</u>

**୧୧(୧)** ଯଦି କେହି ବ୍ୟକ୍ତି ବା ଅନୁଷ୍ଠାନ ଧାରା ୪ର ପ୍ରାବଧାନ କିମ୍ବା ନିୟମର ଉଲଙ୍ଘନ ଓ ବ୍ୟତିକ୍ରମ କରନ୍ତି ତେବେ ଟ୨୫,୦୦୦/-ରୁ ଟ ୫,୦୦,୦୦୦/- ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ ଭୋଗିବାକୁ ପଡିବ, ଅଧିକନ୍ତୁ ପ୍ରତିଦିନର ଉକ୍ତ ନିୟମ ଉଲଂଘନ କାରୀଙ୍କୁ ଦୈନିକ ଟ୫,୦୦୦/- ପର୍ଯ୍ୟନ୍ତ ଅଧିକ ଦେବାକୁ ପଡିବ ଯେ ପର୍ଯ୍ୟନ୍ତ ଉକ୍ତ ଆଇନ ଭଙ୍ଗ ହୋଇ ଚାଲିଥିବ ।

ଆଇନ ଭଙ୍ଗ ଏବଂ ନିୟମର ବ୍ୟତିକ୍ରମ ପାଇଁ ଜୋରିମାନ

**(୨)** ଯଦି କୌଣସି ବ୍ୟକ୍ତି ବିଶେଷ ଯିଏ ଯାନ୍ତ୍ରୀକ ବିପଣନ ବ୍ୟବସାୟ ଏବଂ ନେଣଦେଣ ବ୍ୟବସ୍ଥାର ସତ୍ତ୍ୱାଧିକାରୀ, ନିୟନ୍ତ୍ରଣ କିମ୍ବା, ପରିଚାଳନା କରୁଥାଏ, ଧାରା ୫ ଏବଂ ଧାରା ୭ ଆଧାରିତ ବ୍ୟବସ୍ଥାର ଭଙ୍ଗ କରେ, ତେବେ ଉକ୍ତ ଉଲଂଘନ କାରୀଙ୍କୁ ୫୦,୦୦୦/-ରୁ ୧୦,୦୦,୦୦୦/- ପର୍ଯ୍ୟନ୍ତ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇପାରିବ, ଏବଂ ଯେଉଁଠାରେ ଏହି ଉଲଂଘନ ବଢ଼ିଚାଲେ, ଅଧିକ ପ୍ରତ୍ୟହ ଜୋରିମାନା ବାବଦ ଅର୍ଥ ମାତ୍ରା ୧୦,୦୦୦/- ପର୍ଯ୍ୟନ୍ତ କରାଯାଇ ପାରିବ ଯଦି ସେହିଭଳି ଉଲଂଘନ ପ୍ରତିଦିନ ବଢ଼ିଚାଲେ ।

## ବିଭାଗ – ୫

## <u>ବିବିଧ</u>

**(୧୨)** ଆଇନର ପ୍ରାବଧାନ ଅନୁଯାୟୀ, କେନ୍ଦ୍ର ସରକାର ଅଧିନ କୌଣସି ଅଧିକାରୀ କିମ୍ବା କର୍ମକର୍ତ୍ତା, କିମ୍ବା କୌଣସି ରାଜ୍ୟ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧିକାରୀ କିମ୍ବା କର୍ମ କର୍ତ୍ତାଙ୍କୁ ବୈଦ୍ୟୁତିକ ବାଣିଜ୍ୟ ଏବଂ ନେଣଦେଣ କାରବାର ବ୍ୟବସ୍ଥା କିମ୍ବା କେହି ବ୍ୟକ୍ତି ବା ବ୍ୟକ୍ତି ବିଶେଷ କୌଣସି ବୈଦ୍ୟୁତିକ ବିପଣନ ବ୍ୟବସାୟ ଏବଂ ନେଣ ଦେଣ କାରବାର ସହ ସଂପୃକ୍ତ ଥିବା ବ୍ୟକ୍ତି ବା ବ୍ୟକ୍ତି ବିଶେଷ କିମ୍ବା ଜଣେ ବ୍ୟବସାୟୀ କିମ୍ବା ବ୍ୟବସାୟୀକ କାରବାର ସମ୍ବନ୍ଧେ, ଶ୍ରେଣୀ ବିଶେଷଙ୍କୁ ଯଥାଯଥ ନିର୍ଦ୍ଦେଶ, ଉପଦେଶ, ଆଦେଶ କିମ୍ବା ମାର୍ଗଦର୍ଶିକା ଉପରୋକ୍ତ ବ୍ୟବସ୍ଥା ପ୍ରତି ପ୍ରଜୁଜ୍ୟ ବୋଲି ଭାବି କରିପାରିବେ ।

ନିର୍ଦ୍ଦେଶ, ଉପଦେଶ କିମ୍ବା ଆଦେଶ କିମ୍ବା ମାର୍ଗ ଦର୍ଶିକା ଜାରି କରିବା କେନ୍ଦ୍ର ସରକାରଙ୍କ କ୍ଷମତା

**(୧୩)** ଏହି ଆଇନ ସନ୍ନିହିତ କୌଣସି ନିୟମ କିମ୍ବା ଆଦେଶ ଅନୁଯାୟୀ ପୂର୍ଣ୍ଣ ବିଶ୍ୱାସ ସମ୍ମତ କାର୍ଯ୍ୟାବଳୀ ବିରୁଦ୍ଧରେ କୌଣସି ଅର୍ଜୀ, ଦରଖାସ୍ତ; ମକଦ୍ଦମା କିମ୍ବା ଅନ୍ୟ ଆଇନଗତ ପଦକ୍ଷେପ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର କିମ୍ବା କୌଣସି କେନ୍ଦ୍ର ସରକାରଙ୍କ ଅଧିକାରୀ କିମ୍ବା ରାଜ୍ୟ ସରକାରଙ୍କ ଅଧିକାରୀ କିମ୍ବା କୌଣସି କାର୍ଯ୍ୟ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦାଖଲ କିମ୍ବା କ୍ରିୟାନ୍ୱୟନ ହୋଇପାରିବ ନାହିଁ ।

ପୂର୍ଣ୍ଣ ବିଶ୍ୱାସ ସମ୍ମତ କାର୍ଯ୍ୟାବଳୀର ସୁରକ୍ଷା

**(୧୪)** କୌଣସି ରାଜ୍ୟ କୃଷି ଉତ୍ପାଦନ ଓ ବିପଣନ ସମିତି ର ଧାରିତ ନିୟମ କିମ୍ବା କାର୍ଯ୍ୟକାରୀ ହୋଇଥିବା ଅନ୍ୟ ଆଇନ କିମ୍ବା ପ୍ରଚଳିତ କାର୍ଯ୍ୟକାରୀ ହେଉଥିବା ଆଇନ ସମ୍ମତ ଦଲିଲ୍ ଯାହା ଅସମାଞ୍ଜସ୍ୟତା ଥାଉ ନା କାହିଁକି, ଏହି ଆଇନ ପ୍ରଭାବଶାଳୀ ହେବ ।

ଆଇନ ବଳବତ୍ତର କ୍ଷମତା

**(୧୫)** ଏହି ଆଇନର ପ୍ରାବଧାନ, ଆଇନ ଅନୁଯାୟୀ ଯେଉଁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଯେଉଁ ଘଟଣା ସମ୍ବନ୍ଧିତ ଅର୍ଜି କିମ୍ବା ନ୍ୟାୟିକ କାର୍ଯ୍ୟାବଳି ବିଚାର ପାଇଁ ଗ୍ରହଣ କରି ନ୍ୟାୟିକ ନିଷ୍ପତ୍ତି ନିଆଯାଇସାରିଛି, ଏହାର ବିଚାର କୌଣସି ଦେୱାନୀ ଅଦାଲତ କ୍ଷମତାର ବାହାର ଅଟେ ଓ ତାହା ଅନ୍ୟ କୌଣସି ବିଚାରାଳୟ ବିଚାରନିମିତ୍ତ ଗ୍ରହଣଯୋଗ୍ୟ ହେବନାହିଁ। ଦେୱାନୀ ନ୍ୟାୟାଳୟର ବାଧିତଗ୍ରସ୍ତ କ୍ଷମତା

**(୧୬)** ଏହି ଆଇନର ନିୟମ ଅର୍ନ୍ତଭୁକ୍ତ କୌଣସି ପ୍ରାବଧାନ ହୁଣ୍ଡି କାଗଜର କ୍ରୟ ବିକ୍ରୟ ମୁଳ ଏବଂ ବନ୍ଧକ ଚୁକ୍ତି ଆଇନର ୧୯୫୬ ସହ ବନ୍ଧିତ ନେଣଦେଣ ନିଗମ ଏବଂ ତତ୍ ସଂଶ୍ଳିଷ୍ଟ କାରବାର ପାଇଁ ପ୍ରଜୁଜ୍ୟ ନୁହେଁ। ନିର୍ଦ୍ଦିଷ୍ଟ କାରବାର ପାଇଁ ଆଇନ କାର୍ଯ୍ୟକାରୀ ନୁହେଁ।

**(୧୭) (୧)** ଏହି ଆଇନର ପ୍ରାବଧାନ ଅନୁଯାୟୀ ଆବଶ୍ୟକ ନିୟମ ପ୍ରଣୟନ କେନ୍ଦ୍ର ସରକାରଙ୍କ କ୍ଷମତାଭୁକ୍ତ ଓ ଏଥିପାଇଁ ନିୟମ ପ୍ରଣୟନ କରି ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ ନିମିତ୍ତ ସୂଚନା ମାଧମରେ ଅବଗତ କରିବେ।

**(୨)** ନିର୍ଦ୍ଦିଷ୍ଟଭାବରେ ଏବଂ ଉପରୋକ୍ତ କ୍ଷମତାର ସାଧାରଣ ଭାଗ ବିନା ଦ୍ୱିଧାରେ, ସେ ସବୁ ନିୟମ ସମସ୍ତ କିମ୍ବା ନିମ୍ନ କୌଣସି ଘଟଣା ପ୍ରତି ପ୍ରଜୁଜ୍ୟ ଯଥା –

**(କ)** ଧାରା ୪ ଉପଧାରା ୨ ଆଧାରରେ କୌଣସି ବ୍ୟବସାୟିର ଇଲୋକ୍ଟ୍ରୋନିକ୍ (ବୈଦ୍ୟୁତିକ) ପଂଜିକରଣ ଏବଂ ସ୍ଥିରୀକୃତ କୃଷିଜାତ ସାମଗ୍ରୀର ବାଣିଜ୍ୟିକ ନେଣଦେଣ କାରବାର ସମ୍ବନ୍ଧୀୟ ପ୍ରାବଧାନ।

**(ଖ)** ଧାରା ୪ ଓ ଉପଧାରା ୩ ପ୍ରାବଧାନ ଅନୁଯାୟୀ ଆବଶ୍ୟକ ଦେୟର ଉପଯୁକ୍ତ ପ୍ରଣାଳୀରେ ଦେବା ନିମିତ୍ତ ବା ପ୍ରଦାନ ନିମିତ୍ତ ପନ୍ଥା।

**(ଗ)** ଧାରା ୮ ଉପଧାରା ୧୦ ଅନୁଯାୟୀ ଏକ ଅର୍ଜୀ କିମ୍ବା ଦରଖାସ୍ତ ଉପମଣ୍ଡଳ ଅଧିକାରୀଙ୍କୁ ନ୍ୟାୟିକ ବ୍ୟବସ୍ଥା ଅନୁମତେ ଦାଖଲ ଏବଂ ଆପତ୍ତି ଅଧିକାରୀଙ୍କ (ଅପିଲେଟ ଅଧିକାରୀଙ୍କ) ନିକଟରେ ଆପତ୍ତି ଆବେଦନ ଉପସ୍ଥାପନର ପ୍ରଣାଳୀ ଏବଂ ଏଥିନିମନ୍ତେ ଅନୁସୃତ ହେବାକୁ ଥିବା ପ୍ରକ୍ରିୟା ଓ ପ୍ରଣାଳୀ ;

**(ଘ)** ଧାରା ୯ ଉପଧାରା ୨ ଅର୍ନ୍ତଗତ ନେଣଦେଣର ସୂଚନା;

(ଙ) ଧାରା ୧୦ ଉପଧାରା ୨ ଅର୍ନ୍ତଗତ ଏକ ଆପତ୍ତି ଦରଖାସ୍ତ ଉପସ୍ଥାପନ ପାଇଁ ବ୍ୟବହୃତ ହେବାକୁଥିବା ଫର୍ମ ଓ ଏହାର ପ୍ରକାର ଏବଂ ଆବେଦନ ନିମିତ୍ତ ଦେୟର ପରମାଣ ;

(ଚ) ଆପତ୍ତି ଆବେଦନ ଦରଖାସ୍ତର ଆଇନଗତ ନିଷ୍ପତ୍ତି ଯାହାକି ଧାରା ୧୦ ଉପଧାରା ୩ ଅର୍ନ୍ତଭୁକ୍ତ ଅଟେ ;

(ଛ) ଅନ୍ୟ ଘଟଣା ଯାହାକି ସୂଚିତ କରାଯିବ ;।

(୧୮) ଭାତର ସରକାରଙ୍କ କର୍ତ୍ତୃତ୍ୱ ଆଇନ ନିୟମର ଅର୍ନ୍ତଭୁକ୍ତକରଣ ପାଇଁ ନିୟମ ପ୍ରସ୍ତୁତ ପରେ ପରେ ସଂସଦରେ ପ୍ରତ୍ୟେକ ସଦନର ଅଧିବେଶନରେ ଉପସ୍ଥାପନା କରାଯିବ । ଯଥାଯଥ ବିଚାର ପରେ କାର୍ଯ୍ୟକାରୀ କରାଯିବ ଯାହାକି ପୂର୍ବ ନୀତିର କୌଣସି ବ୍ୟତିକ୍ରମ ବା ବିରୁଦ୍ଧାଚରଣ କରିବ ନାହିଁ ।

(୧୯) (୧) ଏହି ଆଇନ ପ୍ରାବଧାନକୁ କାର୍ଯ୍ୟକାରୀ କରାଇବା ପାଇଁ ଯଦି କୌଣସି ଅସୁବିଧା ଉପୁଜେ ବା ଉପଜିଥାଏ, କେନ୍ଦ୍ର ସରକାର ତାଙ୍କର ଆଦେଶବଳରେ ଓ ରାଜପତ୍ରରେ ପ୍ରକାଶନକରି ଆବଶ୍ୟକୀୟ ସଂଶୋଧନ କରିପାରିବେ ଓ ସମସ୍ତ ଅସୁବିଧା ଉକ୍ତପ୍ରକାରେ ଦୂର କରାଯାଇପାରିବ । ଅସୁବିଧା ଦୂରିକରଣ କ୍ଷମତା

(୨) ଏହି ଧାରା ଅର୍ନ୍ତଗତ ପ୍ରତ୍ୟେକ ଆଦେଶ ଯଥାଶୀଘ୍ର ପ୍ରସ୍ତୁତି ଓ ପ୍ରକାଶନ ପରେ ପରେ ସଂସଦର ଉଭୟ ଗୃହରେ ଉପସ୍ଥାପନ କରାଯିବ ।

*ଅଧାଦେଶ - ୧୦-୨୦୨୦* (୨୦) (୧) କୃଷକର ଉତ୍ପାଦର ବ୍ୟବସାୟ ଓ ବାଣିଜ୍ୟ (ଉନ୍ନତି କରଣ ଏବଂ ସହଯୋଗୀ କରଣ) ଅଧାଦେଶ ୨୦୨୦ ଏତଦ୍‌ଦ୍ୱାରା ରହିତ କରଣ ରହିଲା । ରହିତ ଏବଂ ସୁରକ୍ଷା

(୨) ରହିତ କରଣ ଯାହା ହେଉନା କାହିଁକି, ଏହି ଅଧାଦେଶ ଅନୁସାରେ ଯେଉଁ ଜିନିଷ କିମ୍ବା ଯେଉଁ କାମ ମାନ ଏହି ଆଇନରେ ପ୍ରାବଧାନ ଅନୁସାରେ କରାଯାଇଅଛି କିମ୍ବା କାର୍ଯ୍ୟାନ୍ୱୟନ ହୋଇଛି, ବୋଲି ସୁନିଶ୍ଚିତ କରାଯିବ ।

**ଡଂ ଜି ନାରାୟଣ ରାଜୁ**
**ସଚିବ, ଭାରତ ସରକାର**